DHARITRI.COM
Vol VIII Issue No.128 Wednesday, 09 May 2007






previous || next

# ଓଡ଼ିଶାର ଆଇ.ଆଇ.ଟି. ସ୍ୱପ୍ନ କେନ୍ଦ୍ର ଭାଙ୍ଗିଦେଲା

Click to enlarge text: A A A A

ମାନବ ସମ୍ବଳ ରାଷ୍ଟ୍ରମନ୍ତ୍ରୀ ଏମ୍.ଏ. ଫାତମୀ ଗୃହରେ ଉପସ୍ଥିତ ଥିବାରୁ ସେ ଗତ ଅଗଷ୍ଟ ୨୮ ତାରିଖରେ ଓଡ଼ିଶାରେ ଏକ ଆଇଆଇଟି ସ୍ଥାପିତ ହେବ ବୋଲି କହିଥିଲେ କି ନାହିଁ ତାହା ସ୍ପଷ୍ଟ କରନ୍ତୁ ବୋଲି ପ୍ରଧାନ ଦାବି କରିଥିଲେ ।

ଏହା ପୂର୍ବରୁ ପୁରନ୍ଦେଶ୍ୱରୀ ତାଙ୍କର ବକ୍ତବ୍ୟରେ କହିଥିଲେ ଯେ ପ୍ରଧାନ ମନ୍ତ୍ରୀ ମନମୋହନ ସିଂଙ୍କ ବୈଜ୍ଞାନିକ ପରାମର୍ଶଦାତା ପରିଷଦ ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ତିନୋଟି ଆଇଆଇଟି ସ୍ଥାପନ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲେ । ଏହା ଫଳରେ ମାନବ ସମ୍ବଳ ମନ୍ତ୍ରଣାଳୟ ଯୋଜନା କମିଶନଙ୍କ ନିକଟକୁ ଏକ ପ୍ରସ୍ତାବ ପଠାଇଥିଲା । ଯୋଜନା କମିଶନଙ୍କ ନୀତିଗତ ଅନୁମୋଦନ ମିଳିବା ପରେ ମାନବ ସମ୍ବଳ ମନ୍ତ୍ରଣାଳୟ ଆନ୍ଧ୍ରପ୍ରଦେଶ, ବିହାର ଓ ରାଜସ୍ଥାନରେ ତିନୋଟି ନୂଆ ଆଇଆଇଟି ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । କେନ୍ଦ୍ର ସରକାର ଓଡ଼ିଶାରେ ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ଏକ ଆଇଆଇଟି ସ୍ଥାପନ କରିବା ପାଇଁ କେବେ ବି ସମ୍ମତି ପ୍ରଦାନ କରି ନ ଥିଲେ ବୋଲି ସେ କହିଥିଲେ । ମନ୍ତ୍ରୀଙ୍କର ଏଭଳି ଉତ୍ତରରେ ସନ୍ତୁଷ୍ଟ ନ ହୋଇ ଏନ୍‌ଡିଏ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ ।

previous || next

**New York Times Newspaper**
denver - Get Home Delivery for as little as $3.15 per week!
www.nytimes.com

**Unlimited Calls To India**
Just $34.95 p.m. India/US/Canada First Month Free. Sign up now!
www.mpingi.com

**Own a house in India**
Home loans upto 5 crores for NRI's. Only with Citibank. Apply now!
www.CitiNri.com

©2004 Dharitri All Rights Reserved.
Send all feedback / comments to **webmail@dharitri.com**.
Advertisement inquiries contact **advt@dharitri.com**.